ଆରକ୍ଷୀ ଆୟୁକ୍ତ, ବମ୍ବେ ଏବଂ ଅନ୍ୟଜଣେ

ବନାମ

ଭଗୱାନ ଭି. ଲାହାଣେ

ନଭେମ୍ବର  26, 1996

[କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ମହାରାଷ୍ଟ୍ର ସିଭିଲ୍ ସେବା (ସାଧାରଣ ସେବା ସର୍ତ୍ତାବଳୀ) ନିୟମ, 1981*

*: ନିୟମ 36 ।*

*ସେବା ଆଇନ – ଜନ୍ମ ତାରିଖ-  ସଂଶୋଧନ –ସମ୍ବନ୍ଧୀୟ ନିର୍ଦ୍ଦେଶ – ଉତ୍ତରଦାତା  ଉପ-ଆରକ୍ଷୀର ଭାବେ ନିଯୁକ୍ତ ହୋଇଥିଲେ  –  ସେବାରେ ପ୍ରବେଶ ସମୟରେ ମାଧ୍ୟମିକ ବିଦ୍ୟାଳୟ ଛାଡ଼ିବା ପ୍ରମାଣପତ୍ର ଦାଖଲ ହୋଇଥିଲା - ଜନ୍ମ ତାରିଖ ପ୍ରମାଣପତ୍ର ଏହାର ଆଧାରରେ ରେକର୍ଡ କରାଯାଇଛି – ଜନ୍ମ ତାରିଖ ପ୍ରମାଣପତ୍ର ସଂଶୋଧନ ପାଇଁ ନିବେଦନ – ପ୍ରତ୍ୟାଖ୍ୟାନ – ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆବେଦନ-ନ୍ୟାୟାଧିକରଣ ଉତ୍ତରଦାତାଙ୍କ ମାମଲା ଗ୍ରହଣ କରିଥିଲେ ଏବଂ ଜନ୍ମ ତାରିଖ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଥିଲେ – ଅପିଲ  - ଦର୍ଶାଯାଇଛି, ଉତ୍ତରଦାତାଙ୍କୁ ବିଦ୍ୟାଳୟ ଛାଡ଼ିବା ପ୍ରମାଣପତ୍ରରେ ଜନ୍ମ ତାରିଖ ଭୁଲ ଥିଲା ବୋଲି ଦର୍ଶାଇବା ପାଇଁ ନିର୍ଭରଯୋଗ୍ୟ ତଥ୍ୟ ଉପସ୍ଥାପନ କରିବାକୁ ପଡ଼ିବ – ତାଙ୍କ ଦ୍ୱାରା ଏପରି କୌଣସି ତଥ୍ୟ ଉପସ୍ଥାପନ କରାଯାଇ ନଥିଲା – ଯେହେତୁ କର୍ମଚାରୀ ଏହା ଦର୍ଶାଇବାରେ ଅସମର୍ଥ ହୋଇଥିଲେ ଯେ ଏହି ଆବେଦନର କାରଣ ଅନ୍ୟ କୌଣସି ବ୍ୟକ୍ତିଙ୍କର ଯତ୍ନ ନେବାର ଅଭାବ ଥିଲା କିମ୍ବା ଏହା ଏକ ସ୍ପଷ୍ଟ ଲିପିକ ତ୍ରୁଟି ଥିଲା, ନ୍ୟାୟାଧିକରଣ ଅପିଲକାରୀଙ୍କୁ ଏହାର ସଂଶୋଧନ ପାଇଁ ନିର୍ଦ୍ଦେଶ ଦେବା ଉଚିତ ନଥିଲା ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15432/1996

ଓ.ଏ. ସଂଖ୍ୟା 1511/ 199 ରେ ମହାରାଷ୍ଟ୍ର ପ୍ରଶାସନିକ ଟ୍ରିବ୍ୟୁନାଲ, ବମ୍ବେର 6.10.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଜି.ବି. ସେଠୀ ଏବଂ ଡି.ଏମ୍. ନାରଗୋଲକର ।

ଉତ୍ତରଦାତାଙ୍କ ପକ୍ଷରୁ ଏ.ଏମ୍. ଖାନୱିଲକର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବ କ୍ଷମା କରାଯାଇଛି ।

ଅନୁମତି ପ୍ରଦାନ କରାଯାଇଛି ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଓ.ଏ. ସଂଖ୍ୟା 1511/ 199ରେ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣ, ବମ୍ବେର ଅକ୍ଟୋବର 6, 1992 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଉତ୍ତରଦାତାଙ୍କୁ ଜଣେ ଉପ-ଆରକ୍ଷୀ ଭାବରେ ଚୟନ କରାଯାଇଥିଲା ଏବଂ 15 ଜୁଲାଇ 1974ରେ ତାଲିମ ପାଇଁ ପଠାଯାଇଥିଲା । ଏହାର ସଫଳ ସମାପ୍ତି ପରେ, ସେ ନିଯୁକ୍ତ ହୋଇଥିଲେ ଏବଂ 1 ଜୁଲାଇ 1976 ରେ ସେବାରେ ପ୍ରବେଶ କରିଥିଲେ । ମହାରାଷ୍ଟ୍ର ସିଭିଲ୍ ସେବା(ସାଧାରଣ ସେବା ସର୍ତ୍ତାବଳୀ) ନିୟମାବଳୀ, 1981ର ନିୟମ 36 ଅନୁଯାୟୀ (ସଂକ୍ଷେପରେ,' ନିୟମାବଳୀ') ଯାହା ପୂର୍ବ ଆଦେଶଗୁଡ଼ିକୁ ବାତିଲ କରିଥିଲା ଏବଂ 15.8.1981 ରେ କାର୍ଯ୍ୟକାରୀ ହୋଇଥିଲା ଦର୍ଶାଏ ଯେ ଥରେ ବୟସ କିମ୍ବା ଜନ୍ମ ତାରିଖର ପ୍ରବେଶ ସେବା ପୁସ୍ତକରେ କରାଯିବାପରେ, ଏହାକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯିବ ନାହିଁ ଯଦି ଏହା ଦର୍ଶାଯାଇନଥାଏ ଯେ ପ୍ରବେଶ, ପ୍ରଶ୍ନରେ ଥିବା ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଯତ୍ନର ଅଭାବରୁ ହୋଇଥିଲା କିମ୍ବା ଏହା ଏକ ସ୍ୱଷ୍ଟ ଲିପିକ ତ୍ରୁଟି । ଏ ସମ୍ପର୍କରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି ଯାହା ନିମ୍ନରେ ଦର୍ଶାଯାଇଛି:

"ନିର୍ଦ୍ଦେଶ – (1) ସାଧାରଣତଃ, ସରକାରୀ ଚାକିରିରେ ପ୍ରବେଶ ତାରିଖରୁ ପାଞ୍ଚ ବର୍ଷ ପରେ ଜଣେ ସରକାରୀ କର୍ମଚାରୀଙ୍କ ସେବା ପୁସ୍ତକ କିମ୍ବା ସେବା ତାଲିକାରେ ଲିଖିତ ଜନ୍ମ ତାରିଖ ସମ୍ବନ୍ଧୀୟ ପ୍ରବେଶରେ ପରିବର୍ତ୍ତନ ପାଇଁ କୌଣସି ଆବେଦନ ଗ୍ରହଣ କରାଯିବା ଉଚିତ ନୁହେଁ ।

(2) ଉପରୋକ୍ତ (1) ଆଧାରରେ, ଜଣେ ସରକାରୀ କର୍ମଚାରୀଙ୍କ ସଠିକ୍ ଜନ୍ମ ତାରିଖ ନିର୍ଣ୍ଣୟ କରାଯାଇପାରିବ, ଯଦି ସେ ନିମ୍ନଲିଖିତ ଯେକୌଣସି ସର୍ତ୍ତାବଳୀରେ ବୟସର ପ୍ରମାଣ ପ୍ରଦାନ କରନ୍ତି :-

(a) ତାଙ୍କର ନିଜସ୍ୱ କିମ୍ବା ପିତାମାତା, ଅଭିଭାବକ, ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ବୟାନ;

(b) ବିଦ୍ୟାଳୟ ଛାଡ଼ିବା ପ୍ରମାଣପତ୍ର, ମାଧ୍ୟମିକ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା/

ମାଟ୍ରିକ୍ ପ୍ରମାଣପତ୍ର କିମ୍ବା ବିଶ୍ୱବିଦ୍ୟାଳୟ ପ୍ରମାଣପତ୍ର;

(c) ଜନ୍ମ କିମ୍ବା ବାପ୍ତିସ୍ମ ପଞ୍ଜିକାର ଉଦ୍ଧୃତି;

(d) ଜାତକ;

(e) ପରିବାର ନଥି କିମ୍ବା ଆକାଉଣ୍ଟ ବହିର ପ୍ରବେଶ ।"

ଉତ୍ତରଦାତା  1982 ମସିହାରେ ତାଙ୍କ ଜନ୍ମ ତାରିଖ ସଂଶୋଧନ ପାଇଁ ଏହି ଆଧାରରେ  ଏକ ଆବେଦନ କରିଥିଲେ ଯେ, କାରଣ ତାଙ୍କର ସଠିକ ଜନ୍ମ ତାରିଖ 6 ଜୁନ୍ 1951 ଥିଲା ଏବଂ ଏହାକୁ ସେବା  ରେଜିଷ୍ଟରରେ ଭୁଲ ଭାବରେ 12 ନଭେମ୍ବର 1948 ଭାବରେ ଲେଖାଯାଇଥିଲା । ଏହା ପ୍ରତୀତ ହେଉଛି ଯେ 1983 ମସିହାରେ ନିବେଦନକୁ ଖାରଜ କରାଯାଇଥିଲା । ସେ 1991 ମସିହାରେ ଜନ୍ମ ତାରିଖ ସଂଶୋଧନ ପାଇଁ ଓ ଏ ଦାଖଲ କରିଥିଲେ । ନ୍ୟାୟାଧିକରଣ ଉତ୍ତରଦାତାଙ୍କ ମାମଲାକୁ ଗ୍ରହଣ କରି ଆକ୍ଷେପିତ ଆଦେଶରେ ଅପିଲକାରୀଙ୍କୁ ଜନ୍ମ ତାରିଖ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଏହା  ନିର୍ବିବାଦିତ ଯେ, ଉତ୍ତରଦାତା ମାଧ୍ୟମିକ ବିଦ୍ୟାଳୟ ଛାଡ଼ିବା ପ୍ରମାଣପତ୍ର ଉପସ୍ଥାପନ କରିଥିଲେ ଯେଉଁଥିରେ ତାଙ୍କର ଜନ୍ମ ତାରିଖ ନଭେମ୍ବର 12, 1948 ରହିଛି । ଗୋଟିଏ ନିର୍ଦ୍ଦେଶ ସୂଚିତ କରେ ଯେ, ଚାକିରିରେ ପ୍ରବେଶ ତାରିଖରେ ତାଙ୍କର କିମ୍ବା ପିତାମାତା, ଅଭିଭାବକ, ବନ୍ଧୁ କିମ୍ବା ସମ୍ପର୍କୀୟ ,ନିଜ ବିବୃତି ଏବଂ ଉଚ୍ଚ ବିଦ୍ୟାଳୟ ଛାଡ଼ିବା ପ୍ରମାଣପତ୍ର, ମାଧ୍ୟମିକ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା, ମାଟ୍ରିକ୍ ପ୍ରମାଣପତ୍ର, କିମ୍ବା ବିଶ୍ୱବିଦ୍ୟାଳୟ ପ୍ରମାଣପତ୍ର ସେହି ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ଦସ୍ତାବିଜ ଅଟେ । ଉତ୍ତରଦାତା ସ୍ୱୀକାର କରିଛନ୍ତି ଯେ, ସେବାରେ ପ୍ରବେଶ କରିବା ସମୟରେ ତାଙ୍କର

'ମାଧ୍ୟମିକ ସ୍କୁଲ ଛାଡ଼ିବା ପ୍ରମାଣପତ୍ର' ଦାଖଲ କରିଥିଲେ - ଯାହା ଆଧାରରେ ତାଙ୍କର ଜନ୍ମ ତାରିଖ ନଭେମ୍ବର 12, 1948 ଭାବେ ସେବା ଅଭିଲେଖ ବହିରେ ପ୍ରତିଫଳିତ ହୋଇଥିଲା । ଉତ୍ତରଦାତାଙ୍କୁ ବିଦ୍ୟାଳୟ ଛାଡ଼ିବା ପ୍ରମାଣପତ୍ରରେ ଉଲ୍ଲେଖ କରାଯାଇଥିବା ଜନ୍ମ ତାରିଖ ଭୁଲ ଥିଲା ବୋଲି ଦର୍ଶାଇବା ପାଇଁ ନିର୍ଭରଯୋଗ୍ୟ ତଥ୍ୟ ପ୍ରଦାନ କରିବା ଉଚିତ । ତାଙ୍କ ଦ୍ୱାରା ଏପରି କୌଣସି ତଥ୍ୟ ପ୍ରଦାନ କରାଯାଇ ନଥିଲା । ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜନ୍ମ ପଞ୍ଜିକାର ସାରାଂଶ ଏବଂ ତାଙ୍କ ନିବେଦନ ପୂର୍ବରୁ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍କୁଲ ଛାଡ଼ିବା ପ୍ରମାଣପତ୍ର ସହିତ ଅସଙ୍ଗତ ଥିବାରୁ, ସେ ସକ୍ଷମ କର୍ତ୍ତୃପକ୍ଷଙ୍କ ସନ୍ତୁଷ୍ଟି ପାଇଁ ପ୍ରମାଣିତ କରିବା ଉଚିତ ଯେ ତାଙ୍କୁ ତାଙ୍କ ଜନ୍ମ ପୂର୍ବରୁ କିମ୍ବା ତାଙ୍କ ଜନ୍ମ ପରେ ତୁରନ୍ତ  ଏକ ନାମ ଦିଆଯାଇଥିଲା ଏବଂ ତାଙ୍କ ଜନ୍ମ ପଞ୍ଜୀକରଣ ସମୟରେ ଜନ୍ମ ପଞ୍ଜିକାରରେ ତାଙ୍କର ନାମ ଲେଖା କରାଯାଇଥିଲା, ସାଧାରଣତଃ, ଜନ୍ମ ପୂର୍ବରୁ କୌଣସି ପିଲାର ନାମ ଦିଆଯାଏ ନାହିଁ ଏବଂ ଜନ୍ମ ପଞ୍ଜିକାର ପ୍ରବେଶରେ କେବଳ ଲିଙ୍ଗ, ଯଥା, ପୁରୁଷ କିମ୍ବା ମହିଳା ଉଲ୍ଲେଖ କରାଯିବ । ନାମକରଣ ଉତ୍ସବ ପରେ, ନାମ ଦିଆଯାଏ । ତେଣୁ, ଏହା ଅତ୍ୟନ୍ତ ସନ୍ଦେହଜନକ ଯେ, ଉତ୍ତରଦାତାଙ୍କ ପିତାମାତା, ଯେଉଁମାନେ ଗ୍ରାମାଞ୍ଚଳର ଏବଂ ନିରକ୍ଷର ଥିଲେ, ସେମାନେ ଅପିଲକାରୀଙ୍କ ନାମ ତାଙ୍କ ଜନ୍ମ ପୂର୍ବରୁ କିମ୍ବା ଜନ୍ମ ଦିନ ଲେଖିଥିଲେ କି ନାହିଁ । ଉତ୍ତରଦାତାଙ୍କ ତରଫରୁ ବର୍ତ୍ତମାନ ଦିଆଯାଇଥିବା ସ୍ପଷ୍ଟୀକରଣ ଯେ ତାଙ୍କ ବଡ଼ ଭାଇ, ଯାହାଙ୍କ ନାମ ଭଗବାନ ଥିଲା, ସେ 12.11.1949 ରେ ଜନ୍ମଗ୍ରହଣ କରିଥିଲେ ଏବଂ 26.11.1949 ରେ ମୃତ୍ୟୁବରଣ କରିଥିଲେ, ତେଣୁ ତାଙ୍କ ଜନ୍ମ ତାରିଖ 12.11.1948 ହୋଇପାରିବ ନାହିଁ, ଏହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ । ତାଙ୍କର ଆହୁରି ସ୍ପଷ୍ଟୀକରଣ ଯେ ତାଙ୍କ ବଡ଼ ଭାଇର ମୃତ୍ୟୁ ହେବା ପରେ, ତାଙ୍କ ବାପାମାଆ ତାଙ୍କୁ ସମାନ ନାମରେ ଡାକିବାକୁ ଚିନ୍ତା କରିଥିଲେ, ତାହା ମଧ୍ୟ ବିଶ୍ୱାସଯୋଗ୍ୟ  ନୁହେଁ । ଅଧିକନ୍ତୁ, ଯଦି ତାହା ହୋଇଥାନ୍ତା, ତେବେ ତାଙ୍କ ବାପାମାଆ ନିରକ୍ଷର ଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଙ୍କ ଜନ୍ମ ତାରିଖ ଦେବାରେ ଭୁଲ କରିନଥାନ୍ତେ । ଏହା ପ୍ରତୀତ ହୁଏ ଯେ ସେ ଜନ୍ମ ପଞ୍ଜିକାର ପ୍ରବେଶ ସଂଶୋଧନ କରିଥିଲେ, ତା'ପରେ ଏହାର ଏକ ନକଲ ପାଇଥିଲେ ଏବଂ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ତାହା ଉପସ୍ଥାପନ କରିଥିଲେ । ଏହା ସନ୍ଦେହଜନକ ହେବା ପରେ, କର୍ତ୍ତୃପକ୍ଷମାନେ (ସେବା ପୁସ୍ତକ)ରେ ତାଙ୍କ ଜନ୍ମ ତାରିଖ ସଂଶୋଧନ ନକରି ଠିକ କରିଥିଲେ । ସ୍ୱୀକାରଯୋଗ୍ୟ ଭାବେ, ଉତ୍ତରଦାତା ସ୍କୁଲ ଛାଡ଼ିବା ପ୍ରମାଣପତ୍ର ଉପସ୍ଥାପନ କରିଥିଲେ ଏବଂ ସେବା ପୁସ୍ତକରେ ଉଲ୍ଲେଖିତ ଜନ୍ମ ତାରିଖ ଆଧାରରେ କରାଯାଇଥିଲା । ଯେହେତୁ ସେ ଦର୍ଶାଇ ପାରିନଥିଲେ ଯେ ଉକ୍ତ ପ୍ରବେଶ ଅନ୍ୟ କୌଣସି ବ୍ୟକ୍ତିଙ୍କ

ଯତ୍ନର ଅଭାବରୁ କରାଯାଇଥିଲା କିମ୍ବା ଏହା ଏକ ସ୍ପଷ୍ଟ ଲିପିକ ତ୍ରୁଟି ଥିଲା, ତେଣୁ ନ୍ୟାୟାଧିକରଣ ଅପିଲକାରୀଙ୍କୁ ଏହାକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେବା ଉଚିତ ନଥିଲା ।

ତେଣୁ ଅପିଲକୁ ଅନୁମତି ଦିଆଯାଇଛି । ଓ ଏ ଖାରଜ ହୋଇଛି । କିନ୍ତୁ, ପରିସ୍ଥିତିରେ, କୌଣସି ଖର୍ଚ୍ଚ ନାହିଁ ।

ଟି ଏନ୍ ଏ                                                          ଅପିଲ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**<u>ଅନୁବାଦକ</u>**
**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**